## ସଂକ୍ଷେପରେ

### କେପିଙ୍କୁ କରୋନା

ଢେଙ୍କାନାଳ ଅଫିସ, ୮।୧: ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଢେଙ୍କାନାଳ ରାଜା କାମାକ୍ଷା ପ୍ରସାଦ ସିଂହଦେଓ (କେପି), ରାଣୀ ସାବିତ୍ରୀ ଦେବୀ ଏବଂ ଯୁବରାଜ ଅମରଜ୍ୟୋତି ସିଂହଦେଓ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର କେପି ଏବଂ ସାବିତ୍ରୀ ଦେବୀ ଦିଲ୍ଲୀରୁ ଫେରିଥିଲେ। ଆଣ୍ଟିଜେନ୍ ଟେଷ୍ଟରୁ ଉଭୟଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ୩ଦିନ ତଳେ ଅମରଜ୍ୟୋତି ମଧ କରୋନାରେ ସଂକ୍ରମିତ ହୋଇଥିଲେ। ସମସ୍ତ ୩ ଜଣ ରାଜବାଟୀ ପରିସରରେ ସଙ୍ଗରୋଧରେ ଥିବା ଯୁବରାଜ ଅମରଜ୍ୟୋତି ସୂଚନା ଦେଇଛନ୍ତି।

### ଓଲଟିଲା ତେଲ ଟ୍ୟାଙ୍କର



ବଇଣ୍ଡା,୮।୧(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ବଡହୁଲା ନିକଟରେ ଥିବା ଗ୍ରାମ ପୋଖରୀକୁ ଶୁକ୍ରବାର ରାତିରେ ଏକ ଡିଜେଲ ବୋଝେଇ ଟ୍ୟାଙ୍କର (ନଂ. ଓଡି ୦୪ଏଚ- ୦୦୫୧) ଓଲଟି ପଡ଼ିଛି। ଟ୍ୟାଙ୍କରରୁ ତେଲ ଲିକ୍ ହୋଇ ପୋଖରୀରେ ଭାସୁଥିବାରୁ ବହୁ ମାଛ ମରିଯାଇଥିବା ଦେଖାଯାଇଛି। ପାରାଦୀପରୁ ସମ୍ବଲପୁର ଅଭିମୁଖେ ଟ୍ୟାଙ୍କର ନେଇ ଯାଉଥିବା ଚାଳକ ନିଜ ଘରକୁ ଗାଡ଼ି ନେବାବେଳେ ତାହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ବଇଣ୍ଡା ପୋଲିସ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ଆଇଟିଆଇ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ତାଳଚେର,୮।୧ (ନି.ପ୍ର.): ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳ ହାଟତୋଟାସ୍ଥିତ ସରକାରୀ ଆଇଟିଆଇ ହଷ୍ଟେଲରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ କିଶୋରନଗର ବ୍ଲକ ଉଗୁଲ୍ଲା ଗ୍ରାମର ଭବାନୀ ଶଙ୍କର ବେହେରା। ସେ ଆଇଟିଆଇ ଇଲେକ୍ଟ୍ରିକାଲ ବିଭାଗର ଛାତ୍ର ଥିଲେ। ଶୁକ୍ରବାର ରାତିରେ ସେ ହଷ୍ଟେଲରେ ଥିବାବେଳେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଉପଖଣ୍ଡ ମେଡିକାଲର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭବାନୀ ଶଙ୍କରଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ତାଙ୍କ ପରିବାର ପକ୍ଷରୁ ତାଳଚେର ଥାନାରେ ଏତଲା ଦିଆଯାଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୧/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ଶ୍ରୀନିବାସ ସେଠୀ ପ୍ରକାଶ କରିଛନ୍ତି।

### ଟ୍ରକ୍ ଜବତ, ଜଣେ ଗିରଫ

ଛେଣ୍ଡିପଦା,୮।୧(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ଛକ ନିକଟରେ ଶନିବାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ଚୋରା ପଥର ବୋଝେଇ ଟ୍ରକ୍‌କୁ ଜବତ କରିଛି ଏଥିସହିତ ଗାଡି ଚାଳକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ଏକ ଚୋରା ପଥର ବୋଝେଇ ଟ୍ରକ୍ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ବ୍ଲକ ଛକ ନିକଟରେ ଜଗି ରହିଥିଲା। ଏହି ସମୟରେ ଜରପଡା ପଟୁ ଉକ୍ତ ପଥର ବୋଝେଇ ଟ୍ରକ୍ ଆସୁଥିବା ଦେଖି ପୋଲିସ ତାହାକୁ ଅଟକାଇ ଯାଞ୍ଚ କରିଥିଲା। ଦୁର୍ଗାପୁର ନିକଟସ୍ଥ ପଥର ଖଣିରୁ ପଥର ସରପାଳ ନିଆଯାଉଥିବା ଚାଲାଣ ରସିଦରେ ଲେଖା ଯାଇଥିଲେ ମଧ ଠିକ୍ ଚାଲାଣ ଚାଳକ ଦେଖାଇପାରି ନ ଥିଲେ। ଫଳରେ ପୋଲିସ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୮/୨୨ରେ ଏକ ମାମଲା ରୁଜୁ କରାଯାଇଥିବା ପୋଲିସ ପ୍ରକାଶ କରିଛି।

### ପରିସଂଖ୍ୟାନ ସର୍ଭେୟର ସଂଘର ଅଧିବେଶନ

ଢେଙ୍କାନାଳ ଅଫିସ, ୮।୧: ଢେଙ୍କାନାଳ ଜିଲା ପରିସଂଖ୍ୟାନ ସର୍ଭେୟର ସଂଘର ବାର୍ଷିକ ଅଧିବେଶନ ଭର୍ଚୁଆଲ ମୋଡ୍‌ରେ ସଭାପତି ପ୍ରକାଶ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ପଦ୍ମଭୂଷଣ ସାହୁଙ୍କୁ ଜିଲା ଆଇନ ଉପଦେଷ୍ଟା, ବାସୁଦେବ ବେଉରାଙ୍କୁ ଉପଦେଷ୍ଟା, ନବକିଶୋର ସାହୁଙ୍କୁ ସହ ସମ୍ପାଦକ, ଧନେଶ୍ୱର ମୁର୍ମୁଙ୍କୁ ସାଙ୍ଗଠନିକ ସମ୍ପାଦକ, ଶୁଭଶ୍ରୀ ଶୁଭସ୍ମିତା, ପ୍ରତିଯୋଗିତା ମହାନ୍ତିଙ୍କୁ ସମ୍ପାଦକ, ଉମାକାନ୍ତ ସାହୁଙ୍କୁ ରାଜ୍ୟ କାଉନ୍‌ସିଲର, ରୋଜାଲିନ୍ ସାହୁଙ୍କୁ କୋଷାଧକ୍ଷ, ମାଟ୍ରିନା କୁଲୁଙ୍କୁ ସହ କୋଷାଧକ୍ଷ ଏବଂ ଅମ୍ବୁଜ ସାହୁଙ୍କୁ ମିଡିଆସେଲ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୩% ବୃଦ୍ଧି ଏବଂ ସପ୍ତମ ବେତନ କମିଶନ ବାବଦ ୩୦% ବକେୟା ଅର୍ଥ ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସାଧାରଣ ସମ୍ପାଦକ ବନ୍ଦନ ବେହେରା ପରିଚାଳନା କରିଥିଲେ।

# ମହିଳାଙ୍କ ଲାଗି ଅଧ୍ୟକ୍ଷ ସମେତ ୧୪ ଆସନ

## ଜିଲା ପରିଷଦ ସଂରକ୍ଷଣ ତାଲିକା

ଢେଙ୍କାନାଳ ଅଫିସ୍, ୮।୧

ଆପତ୍ତି ଅଭିଯୋଗ ଶୁଣାଣି ପରେ ଢେଙ୍କାନାଳ ଜିଲା ଜିଲା ପରିଷଦ ଆସନ ପାଇଁ ପ୍ରକାଶ ପାଇଛି ଚୂଡ଼ାନ୍ତ ସଂରକ୍ଷଣ ତାଲିକା। ଅଧ୍ୟକ୍ଷ ପଦବୀ ମହିଳା ବର୍ଗ ଲାଗି ସଂରକ୍ଷିତ ରଖାଯାଇଛି। ଜିଲାର ମୋଟ ୨୭ ଆସନ ମଧ୍ୟରୁ ଅନୁସୂଚିତ ଜାତି ପାଇଁ ୫, ଅନୁସୂଚିତ ଜନଜାତି ପାଇଁ ୪ ଏବଂ ଅନ୍ୟ ୧୮ ଆସନ ଅଣସଂରକ୍ଷିତ ରଖାଯାଇଛି। କେବଳ ମହିଳା ବର୍ଗଙ୍କ କଥା ଦେଖିଲେ ମୋଟ ୧୪ ଆସନ (୩ ଅନୁସୂଚିତ ଜାତି, ୨ ଅନୁସୂଚିତ ଜନଜାତି ଏବଂ ୯ ଆସନ ଅଣସଂରକ୍ଷିତ) ସଂରକ୍ଷିତ ରହିଛି।

ଓଡ଼ାପଡ଼ା ୧ନଂ. ଜୋନ୍ ଅନୁସୂଚିତ ଜାତି ମହିଳା, ୨ ଏବଂ ୩ନଂ. ଜୋନ୍ ଅଣ ସଂରକ୍ଷିତ ରହିଛି। କଙ୍କଡ଼ାହାଡ଼ ୧ନଂ. ଜୋନ୍ ଅଣସଂରକ୍ଷିତ, ୨ନଂ. ଜୋନ୍ ଅନୁସୂଚିତ ଜନଜାତି ମହିଳା ଏବଂ ୩ନଂ. ଜୋନ୍ ଅନୁସୂଚିତ ଜନଜାତିଙ୍କ ଲାଗି ସଂରକ୍ଷଣ ରହିଛି। କାମାକ୍ଷାନଗର ୧ନଂ. ଜୋନ୍ ମହିଳା, ୨ନଂ. ଜୋନ୍ ଅଣସଂରକ୍ଷିତ, ୩ନଂ. ଜୋନ୍ ଅନୁସୂଚିତ ଜାତି ମହିଳା ବର୍ଗ ଲାଗି ନିର୍ଦ୍ଧାରିତ କରାଯାଇଛି। ସେହିପରି ଗଁଦିଆ ବ୍ଲକ ୧ନଂ. ଜୋନ୍ ଅଣସଂରକ୍ଷିତ, ୨ନଂ. ଜୋନ୍ ଅନୁସୂଚିତ ଜନଜାତି ମହିଳା, ୩ନଂ. ଜୋନ୍ ମହିଳା, ୪ନଂ.ଜୋନ୍ ଅନୁସୂଚିତ ଜନଜାତି ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ଢେଙ୍କାନାଳ ସଦର ୧ନଂ. ଜୋନ୍ ମହିଳା, ୨ନଂ. ଜୋନ୍ ମହିଳା, ୩ନଂ. ଜୋନ୍ ଅଣସଂରକ୍ଷିତ, ୪ନଂ. ଜୋନ୍ ମହିଳା, ପରଜଙ୍ଗ ବ୍ଲକ ୧ନଂ. ଜୋନ୍ ମହିଳା, ୨ନଂ. ଜୋନ୍ ଅଣସଂରକ୍ଷିତ, ୩ନଂ. ଜୋନ୍ ମହିଳା, ଭୁବନ ବ୍ଲକ ୧ନଂ. ଜୋନ୍ ମହିଳା, ୨ନଂ. ଜୋନ୍ ଅଣସଂରକ୍ଷିତ, ୩ନଂ. ଜୋନ୍ ଅନୁସୂଚିତ ଜାତି, ହିନ୍ଦୋଳ ବ୍ଲକ ୧ନଂ. ଜୋନ୍ ମହିଳା, ୨ନଂ. ଜୋନ୍ ଅଣସଂରକ୍ଷିତ, ୩ନଂ.ଜୋନ୍ ଅନୁସୂଚିତ ଜାତି ମହିଳା ଏବଂ ୪ନଂ. ଜୋନ୍ ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଢେଙ୍କାନାଳ ଜିଲା ପରିଷଦ ନିର୍ବାଚନ ଇତିହାସରେ ୧୯୯୭ରୁ ଅଦ୍ୟାବଧି ୪ ଜଣ ମହିଳା ଅଧ୍ୟକ୍ଷା ପଦବୀ ଅକ୍ତିଆର କରିଛନ୍ତି। ୨୦୦୭ରୁ ମହିଳାଙ୍କ ପାଇଁ ଅଧ୍ୟକ୍ଷ ପଦବୀ ସଂରକ୍ଷିତ ରଖିଛି।

### ୩ ସମିତି ଅଧ୍ୟକ୍ଷ ଅଣସଂରକ୍ଷିତ

ଢେଙ୍କାନାଳ ଜିଲାର ୮ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପାଇଁ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। କଙ୍କଡ଼ାହାଡ଼, ପରଜଙ୍ଗ, ଭୁବନ ବ୍ଲକ ଅଧ୍ୟକ୍ଷ ପଦବୀ ମହିଳା ବର୍ଗ ଏବଂ ହିନ୍ଦୋଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଢେଙ୍କାନାଳ ସଦର, ଓଡ଼ାପଡ଼ା, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପଦବୀ ଅଣସଂରକ୍ଷିତ ରହିଥିବାବେଳେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ ରଖାଯାଇଛି।

### ସରପଞ୍ଚ ପଦବୀରେ ୫୦% ମହିଳା

ଢେଙ୍କାନାଳ ଜିଲାର ୨୧୨ ପଞ୍ଚାୟତର ସରପଞ୍ଚ ପଦବୀ ଲାଗି ପ୍ରକାଶ ପାଇଛି ଚୂଡ଼ାନ୍ତ ସଂରକ୍ଷଣ ତାଲିକା। ସଦର ବ୍ଲକର ୩୦ ପଞ୍ଚାୟତ ମଧ୍ୟରୁ ୧୫ଟି ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କାଇମାଟି, ଚନ୍ଦ୍ରଶେଖରପ୍ରସାଦ ଚାଉଳିଆ, କାଙ୍କଡ଼ପାଳ, ଧୀରପାଟଣା, ନଡିଆଳୀ, ନାଗିଆପଶି, ବେଲଟିକିରି, ମାଣିପୁର, ଭାଲିଆବୋଲକାଟେଣୀ, ସପ୍ତଶଯ୍ୟା ଏବଂ ଶଙ୍କରପୁର ଅଣସଂରକ୍ଷିତ ରହିଛି। କଙ୍କଡ଼ାହାଡ଼, ବଳଦିଆବନ୍ଧ, ବଣସିଂହ, ଭାପୁର ଅନୁସୂଚିତ ଜାତି ମହିଳା ବର୍ଗଙ୍କ ଲାଗି ଉଦ୍ଦିଷ୍ଟ ରହିଛି। ଗେଙ୍ଗୁଟିଆ, ଗୋବିନ୍ଦପୁର, ସୋଗରପଶି ଅନୁସୂଚିତ ଜାତି ବର୍ଗ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି କାକୁଡ଼ିଭାଗ, ତରଭା, ତାଳବରକୋଟ, ନୂଆଗାଁ, ବାରଦା, ବାଲ୍ୟାମ୍ବା, ମଙ୍ଗଳପୁର, ମଧୁସାହୁପାଟଣା, ରାଧାଦେଇପୁର, ଶୁଆଖାଇକାଟେଣୀ, ସାଙ୍କୁଲେଇ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି।

## କର୍ମଚାରୀଙ୍କ ଦକ୍ଷତାକୁ ପ୍ରଶଂସା




କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

### ନାଲ୍‌କୋ ପ୍ରତିଷ୍ଠା ଦିବସ

ବଅଁରପାଳ,୮।୧(ଡି.ଏନ.ଏ.)

ନବରତ୍ନ ମାନ୍ୟତାପ୍ରାପ୍ତ କମ୍ପାନୀ ନାଲ୍‌କୋ ପକ୍ଷରୁ ୪୨ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଡି ଅମ୍ବିକା ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଲ୍‌କୋର ସଫଳତା ଓ ଲାଭ କରିଥିବା ପୁରସ୍କାର ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଜିଏମ୍ ଏସ୍.ଏନ୍. ସାହୁ, ମହାପ୍ରବନ୍ଧକ ସରୋଜ ମିଶ୍ର, ସୁଧୀର ପଟ୍ଟନାୟକଙ୍କ ସମେତ ବହୁ ଅଧିକାରୀ ଓ ଶ୍ରମିକ ନେତା ଯୋଗ ଦେଇଥିଲେ। ନାଲ୍‌କୋ ଇଷ୍ଟେଟ ଅଧିକାରୀ ମଣିରଞ୍ଜନ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ୩୨ ଜଣ ଶ୍ରେଷ୍ଠ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଚାରୀଙ୍କ ଦକ୍ଷତା ଓ ଉଦ୍ୟମ ଯୋଗୁ ନାଲ୍‌କୋ ଲାଭବାନ ହୋଇପାରିଛି। କମ୍ପାନୀ ନବରତ୍ନରୁ ମହାରତ୍ନ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଡିଜିଏମ୍ ରାଜାରାମ ମିଶ୍ର ଓ ସମୀର ମାଝି ପ୍ରମୁଖ ସହଯୋଗ କରିଥିଲେ।

## ୩୫୦ ଛାତ୍ରୀଛାତ୍ରଙ୍କ ଟିକାକରଣ




ଭୁବନରେ ଜଣେ ଛାତ୍ରୀ ଟିକା ନେଉଛନ୍ତି।

ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ୍.ଏ.), ୮।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ମହାବିଦ୍ୟାଳୟରେ ୧୫ରୁ ୧୮ ବର୍ଷୀୟ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ଯାଏ ଟିକାକରଣ ହୋଇଥିଲା। କଳା ଓ ବିଜ୍ଞାନ ବିଭାଗର ମୋଟ ୧୮୦ ଛାତ୍ରୀଛାତ୍ର ଭାକ୍ସିନ୍ ନେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଭୁବନ ବାଜି ରାଉତ କଲେଜର ୧୭୦ ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯାଇଛି। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସୋନାଲି ଦାସ, ବିଭୂତି ଭୂଷଣ ସାହୁ ଉପସ୍ଥିତ ରହି ଟିକା ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଅଜିତ ବେହେରା, ଅଧ୍ୟାପକ ହିମାଂଶୁ ଶେଖର ମିଶ୍ର, ଅନିଲ ଧୀର ପ୍ରମୁଖ ସହଯୋଗ କରିଥିଲେ।

## ୱାର୍ଡମେମ୍ବରଙ୍କ ସ୍ୱାମୀଙ୍କୁ ଗାଁଦାଣ୍ଡରେ ହତ୍ୟା

ଢେଙ୍କାନାଳ ଅଫିସ, ୮।୧

ଢେଙ୍କାନାଳ ସଦର ଥାନା ନମିଚିରା ଗ୍ରାମ ମଣ୍ଡପରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଘଟିଛି ଲୋମଟାଙ୍କୁରା ହତ୍ୟାକାଣ୍ଡ। କଙ୍କଡ଼ାହାଡ଼ ପଞ୍ଚାୟତ ୪ନଂ. ୱାର୍ଡସଭ୍ୟ ଲିଲି ବେହେରାଙ୍କ ସ୍ୱାମୀ ବିଜୟ ବେହେରା ଓରଫ୍ ବିଜୁ (୪୭)ଙ୍କୁ ଦୁର୍ବୃତ୍ତମାନେ ଗାଁଦାଣ୍ଡରେ ନିର୍ମମ ଭାବେ ହତ୍ୟା କରିଛନ୍ତି।

ପରିବାର ଲୋକଙ୍କ କହିବା କଥା, ବିଜୟ ସନ୍ଧ୍ୟାରେ ବିଲରୁ ଫେରି ଗ୍ରାମ ମଣ୍ଡପରେ ବସିଥିଲେ। ଏହି ସମୟରେ ତାଙ୍କୁ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଘଟଣା ପରେ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ସୂଚନା ପାଇ ସଦର ଏସ୍‌ଡିପିଓ ବିକାଶ ବେଉରା, ଥାନାଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଏସ୍‌ଡିପିଓ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି । ଗ୍ରାମରେ ପୋଲିସ ମୁତୟନ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ତେବେ କେଉଁ କାରଣ ପାଇଁ ତାଙ୍କୁ ହତ୍ୟା କରାଗଲା ତାହା ଅସ୍ପଷ୍ଟ ରହିଛି। ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପୂର୍ବ ଶତ୍ରୁତା କିମ୍ବା ଅନ୍ୟ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ସାଧାରଣରେ ସନ୍ଦେହ କରାଯାଉଛି।



ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

## ୪୪୦ କୁଇଣ୍ଟାଲ ଧାନ ସଂଗ୍ରହ

ଭୁବନ, ୮।୧(ଡି.ଏନ୍.ଏ.)

ଭୁବନ ବ୍ଲକ ଭୂଷଲ ପଞ୍ଚାୟତରେ ଶନିବାରଠାରୁ ଧାନ ମଣ୍ଡି ଆରମ୍ଭ ହୋଇଛି। ପ୍ରଥମଦିନରେ ୨୦ ଚାଷୀ ୪୪୦ କୁଇଣ୍ଟାଲ ଧାନ କିଣାଯାଇଛି। ମଣ୍ଡିରେ ମୋଟ ୪୮୯ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ୧୦ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଅନୁମତି ମିଳିଛି। ସରପଞ୍ଚ ଚିତ୍ତରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ମାୟାଧର ପଣ୍ଡା, ପ୍ରୋକ୍ୟୋରମେଣ୍ଟ ସଦସ୍ୟ ବିଜୟ ମହାନ୍ତ, କୁଳମଣି ମହାନ୍ତ, ଭକ୍ତମୋହନ ଦାସ ଅତିଥି ଭାବେ ଯୋଗଦେଇଥିଲେ। ପରିଚାଳନା ଦାୟିତ୍ୱରେ ମା' ବିରଜା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ପୁଷ୍ପାଞ୍ଜଳି ପାତ୍ର, ସମ୍ପାଦିକା ମମତାମୟୀ ଧୀରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଉପକୃତ ହେବେ ୮,୨୮୨ ବିଜୁ ପକ୍କାଘର ହିତାଧିକାରୀ

ଭୁବନ, ୮।୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ଘର ମରାମତି ସହାୟତାରେ ଭୁବନ ବ୍ଲକର ୮,୨୮୨ ବିଜୁ ପକ୍କାଘର ହିତାଧିକାରୀ ଉପକୃତ ହେବେ। ସମସ୍ତ ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ୩୦୦୦ ଟଙ୍କା ଲେଖାଏ ଯିବ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶନିବାର ଜିରାଳ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବିଡିଓ ଆଶୀର୍ବାଦ ପରିଡ଼ା, ସାମାଜିକ କର୍ମୀ ଅମରେଶ ରାଉଳ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଜିରାଳ ସମେତ ଅରଖପାଳ, ମଠକରଗୋଳା, ମାର୍ଥାପୁର, ଯମୁନାକୋଟ, ଦିଘି ପଞ୍ଚାୟତର ବିଜୁ ପକ୍କାଘର ହିତାଧିକାରୀଙ୍କ ଘରେ ଷ୍ଟିକର ଲଗାଇଥିଲେ।

## ବଢୁଛନ୍ତି ସକ୍ରିୟ ଆକ୍ରାନ୍ତ

ଢେଙ୍କାନାଳ ଅଫିସ, ୮।୧

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଶନିବାର ବିଭିନ୍ନ ସ୍ଥାନରୁ ୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳ, ହିନ୍ଦୋଳ, ଗଁଦିଆ, ଓଡ଼ାପଡ଼ାରୁ ଜଣେ ଲେଖାଏ ଏବଂ ଅନ୍ୟ ଚିକିତ୍ସାଳୟରୁ ଜଣେ ରହିଛନ୍ତି। ଏହାକୁ ମିଶାଇ ମୋଟ ସକ୍ରିୟ ମାମଲା ୩୪ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମହିଳାଙ୍କ ମୃତଦେହ ଜବତ

ବଇଣ୍ଡା,୮।୧(ଡି.ଏନ.ଏ.)

ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ଠାକୁରଗଡ଼ ପୋଲିସ ହତାଶିମିଳି ଗ୍ରାମର ମାନସୀ ବିଶ୍ୱାଳ (୨୩)ଙ୍କ ମୃତଦେହ ଜବତ କରିଛି। ଏ ନେଇ ନମ୍ବର ୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପୋଲିସ କହିଛି, ୨ ବର୍ଷ ତଳେ ମାନସୀ ହତାଶିମିଳି ଗ୍ରାମର ସୁନୀଲ ବିଶ୍ୱାଳଙ୍କୁ ବିବାହ କରିଥିଲେ। ଶୁକ୍ରବାର ରାତିରେ ସୁନୀଲଙ୍କ ସହ ତାଙ୍କର କଳହ ହୋଇଥିଲା। ପରେ ମାନସୀ ପିନ୍ଧିଥିବା ଶାଢିରେ ରଶି ଲଗାଇଦେଇଥିଲେ।

## ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଅନୁଗୋଳ ଅଫିସ,୮।୧

ଅନୁଗୋଳ ଜିଲା ଇନ୍‌ଡୋର ଷ୍ଟାଡିୟମଠାରେ ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ଅଲ୍ ଓଡ଼ିଶା ସିନିୟର ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଗୋଳ ଜିଲା ୟୁନାଇଟେଡ୍ ବ୍ୟାଡମିଣ୍ଟନ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ପୁରୁଷ ସିଙ୍ଗିଲ୍‌ରେ ସମ୍ବଲପୁରର ତହସିନ୍ ଖାଁ, ମହିଳା ସିଙ୍ଗଲ୍‌ରେ ଭୁବନେଶ୍ୱରର ତନ୍‌ଭି ପତ୍ରୀ, ପୁରୁଷ ଡବଲ୍ସରେ ଅନୁଗୋଳର ଅବିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ, ମହିଳା ଡବଲ୍ସରେ ଅନୁଗୋଳର ଅନୁଜା ଦାସ ମହାପାତ୍ର ଓ ସମ୍ବଲପୁରର ପୂର୍ବା ପ୍ରତ୍ୟାଶା ପଣ୍ଡା ଏବଂ ମିକ୍ସ ଡବଲ୍ସରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ଓ ପୂର୍ବା ପ୍ରତ୍ୟାଶା ପଣ୍ଡା ଚାମ୍ପିୟନ ହୋଇଛନ୍ତି। ସେହିପରି ଅନୁଗୋଳର ଆୟୁଷ ଦାସ, ସୁନ୍ଦରଗଡ଼ର ଗୀତାଶ୍ରୀ ଦେ, ଅନୁଗୋଳର ଅମ୍ଳାନ କେଶରୀ ଗଡ଼ନାୟକ, କୋରାପୁଟର ସିଦ୍ଧାର୍ଥ ନାୟକ, ସମ୍ବଲପୁରର ଦୀକ୍ଷା ଏକ୍କା, ଲିଜୁନ୍ ସ୍ୱାଇଁ, ଅନୁଗୋଳର ଅବିନାଶ ମହାନ୍ତି, ଅନୁଜା ଦାସମହାପାତ୍ର ରନର୍ସଅପ୍ ହୋଇଥିବା ସୂଚନା ମିଳିଛି।




ଟ୍ରଫି ସହ ଚାମ୍ପିୟନ ହୋଇଥିବା ଖେଳାଳିମାନେ।

## ସମ୍ବଲପୁର ଏମ୍‌ପିଙ୍କୁ ସ୍ମାରକପତ୍ର



କୋଅର୍ଡିନେଶନ କମିଟି ପକ୍ଷରୁ ଏମ୍‌ପିଙ୍କୁ ସାକ୍ଷାତ କରାଯାଉଛି।

ବଅଁରପାଳ,୮।୧(ଡି.ଏନ.ଏ.)

ନାଲ୍‌କୋର ଘରୋଇକରଣ ପାଇଁ କେନ୍ଦ୍ର ସରକାର ଉଦ୍ୟମ କରୁଥିବା ଅଭିଯୋଗ କରି କୋଅର୍ଡିନେଶନ କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ମଲ୍ଲିକ ୭ ତାରିଖରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଏହି ସରକାରୀ ଉଦ୍ୟୋଗ ଆରମ୍ଭରୁ ଲାଭ କରିଆସୁଛି। ଇତିମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନାଲ୍‌କୋ ୪୦ ହଜାର କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରିସାରିଲାଣି। ସିଏସ୍‌ଆର୍ କାର୍ଯ୍ୟ ବାବଦରେ ପାରିପାର୍ଶ୍ୱିକ ଅଞ୍ଚଳ ତଥା ଓଡ଼ିଶାରେ ଉନ୍ନୟନମୂଳକ କାର୍ଯ୍ୟ କରିଆସୁଛି। ତେଣୁ ଏହାର ଘରୋଇକରଣ ରାଜ୍ୟ ତଥା ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ ତଥା ଦୁର୍ଭାଗ୍ୟଜନକ। କୋଅର୍ଡିନେଶନ କମିଟି ଏହାର ବିରୋଧ କରୁଥିବା ବେଳେ ଏଥିରେ ସହଯୋଗ କରିବାକୁ କମିଟି ଅଧ୍ୟକ୍ଷ ଏମ୍‌ପିଙ୍କୁ ଅନୁରୋଧ କରିଥିଲେ। ଏ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ଲେଖାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ବେଳେ ସଚ୍ଚିଦାନନ୍ଦ ପାଢ଼ୀ, ବନବାସୀ ନାଏକ ଓ ପ୍ରକାଶ ମଙ୍ଗରାଜ ଉପସ୍ଥିତ ଥିଲେ।

## ୬୯ ଶିଶୁ ପଞ୍ଜୀକୃତ

ଅନୁଗୋଳ ଅଫିସ,୮।୧

ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାରୁ ବାଦ୍ ପଡ଼ିଥିବା ତାଳଚେର ବ୍ଲକର ୬୯ ଜଣ ଶିଶୁଙ୍କୁ ଏଥିରେ ସାମିଲ ପାଇଁ ନାମ ପଞ୍ଜୀକରଣ କରାଯାଇଛି। ଏ ନେଇ ତାଳଚେର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଏହି କ୍ୟାମ୍ପରେ ଯୋଜନାରୁ ବଞ୍ଚିତ ୩୬ ପରିବାରର ୬୯ ଶିଶୁଙ୍କ ନାମ ପଞ୍ଜୀକୃତ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ଉକ୍ତ ଯୋଜନାରେ ଜିଲାରୁ ୧୨୯୨ ଜଣ ଶିଶୁଙ୍କୁ ସାମିଲ କରାଯାଇ ସାରିଥିବା ବେହେରା ସୂଚନା ଦେଇଛନ୍ତି। ଏହାସହିତ ଆଇସିଡିଏସ୍ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶୀର୍ବାଦ ହିତାଧିକାରୀଙ୍କ ଅଭିଭାବକଙ୍କୁ ନେଇ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଡିପିଓ ପ୍ରମୋଦିନୀ ତ୍ରିପାଠୀ, ଝରଣା ନାୟକ, ମଧୁସ୍ମିତା ଧଳ, ଦିଲୀପ ନାୟକ, ଛଇଳ ମଲ୍ଲିକ, ସତ୍ୟାନନ୍ଦ ସାହୁ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

## ଦିନକରେ ୫୫ ପଜିଟିଭ୍, ଅନୁଗୋଳରେ ଛନକା

ଅନୁଗୋଳ ଅଫିସ,୮।୧

- ବଅଁରପାଳ ବ୍ଲକରୁ ସର୍ବାଧିକ ୧୯ ଚିହ୍ନଟ
- ପୂର୍ବରୁ ଜିଲାକୁ ଛୁଇଁସାରିଛି ଓମିକ୍ରନ ପ୍ରଜାତି
- କଟକଣା କଡ଼ାକଡ଼ି ଉପରେ ଗୁରୁତ୍ୱ




ଅନୁଗୋଳ ସହରରେ ପୋଲିସର ଚେକିଂ।

ଦୀର୍ଘଦିନ ପରେ କରୋନା ସଂକ୍ରମିତଙ୍କୁ ନେଇ ଅନୁଗୋଳ ଜିଲାରେ ବଢ଼ିଛି ଚିନ୍ତା। ଶନିବାର ଏକାବେଳେ ଜିଲାରୁ ୫୫ ଜଣ ପଜିଟିଭ୍ ଚିହ୍ନଟ ହେବା ଲୋକଙ୍କ ମଧ୍ୟରେ ଛନକା ପୂରାଇଦେଇଛି। ପୂର୍ବରୁ ଜିଲାକୁ ଓମିକ୍ରନ ପ୍ରଜାତି ଛୁଇଁସାରିଥିବା ବେଳେ ଏବେ ହଠାତ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ କଟକଣାକୁ ଅଧିକ କଡ଼ାକଡ଼ି କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଜିଲାର କେତୋଟି ସ୍କୁଲରେ କରୋନା ଭୂତାଣୁ ପ୍ରବେଶ କରିବା ପରେ ସଂକ୍ରମଣ ଊର୍ଦ୍ଧ୍ୱମୁଖୀ ହୋଇଥିବା କୁହାଯାଉଛି।

ଦିନକରେ ଜିଲାରୁ ୫୫ ପଜିଟିଭ୍‌ଙ୍କ ଚିହ୍ନଟ ପରେ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୫୮୮ରେ ପହଞ୍ଚିଛି। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ବଅଁରପାଳ ବ୍ଲକ ଅଞ୍ଚଳରୁ ସର୍ବାଧିକ ୧୯ ଜଣ (୧୦ ପୁରୁଷ ଓ ୯ ମହିଳା) ଥିବାବେଳେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୭ (୧୨ ପୁରୁଷ ଓ ୫ ମହିଳା), ତାଳଚେର ବ୍ଲକ ଅଞ୍ଚଳରୁ ୧୧(୭ ପୁରୁଷ ଓ ୪ ମହିଳା) ଓ ଅନୁଗୋଳ ପୌରାଞ୍ଚଳରୁ ୮ ଜଣ (୬ ପୁରୁଷ ଓ ୨ମହିଳା) ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଜିଲାରେ ବର୍ତ୍ତମାନ ସୁଦ୍ଧା ୩୯୮ ଜଣ କରୋନାରେ ପ୍ରାଣ ହରାଇଥିବାବେଳେ ୧୪ ଲକ୍ଷ ୮୧ ହଜାର ୪୩୯ ଜଣଙ୍କୁ ଟିକା ଦିଆଯାଇସାରିଛି। ଏଥିସହ ୧୫ରୁ ୧୮ ବର୍ଷର ୨ ହଜାର ୬୭୨ଜଣ କିଶୋରୀ କିଶୋରଙ୍କୁ ଶନିବାର ଟିକାକରଣରେ ସାମିଲ କରାଯାଇଛି।

